# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୬୯ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୩୫ ତାରିଖ: ୨୯.୦୮.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୩.୦୮.୨୦୨୫ ରୁ ୨୯.୦୮.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ଝାରସୁଗୁଡ଼ା | 26 | 26 | 27 | 33 | 33 | 34 | 33 | 24 | 24 | 24 | 25 | 25 | 25 | 25 | 44.9 | 37.5 | 8.1 | 1.3 | 0.8 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୩୦-୦୮-୨୦୨୫ | ୩୧-୦୮-୨୦୨୫ | ୦୧-୦୯-୨୦୨୫ | ୦୨-୦୯-୨୦୨୫ | ୦୩-୦୯-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 5 | 7 | 10 | 15 | 12 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 33 | 33 | 34 | 34 | 34 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 26 | 26 | 26 | 26 |
| ମେଘ ଆବରଣ (ଓକଟା) | 5 | 5 | 5 | 6 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 93 | 94 | 96 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 68 | 69 | 71 | 71 | 72 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 4 | 5 | 5 | 7 |
| ପବନର ଦିଗ (ଡିଗ୍ରୀ) | 163 | 195 | 231 | 222 | 249 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହ କିଛିଟା ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଏବଂ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୪ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ପୂର୍ବ ଦିନର ବର୍ଷା ଓ ଆଗାମୀ ଦିନରେ ହେବାକୁ ଥିବା ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ଏବଂ ଅନ୍ତଃଚାଷ କରିବା ସମୟରେ ଉଚିତ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଉଭୟ କ୍ଷେତ ଏବଂ ଉଦ୍ୟାନ ଫସଲରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।
- ଚାଷୀଭାଇମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।

## ସଂକ୍ଷିପ୍ତ ଉପଦେଶ

- ଚାଷୀଭାଇମାନେ ସେମାନଙ୍କ ଧାନ କ୍ଷେତକୁ କାଣ୍ଡ ବିନ୍ଧା, ପତ୍ର ମୋଡା, ବଂଗୀ ପୋକ ଇତ୍ୟଦୀର ଆକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକମାନଙ୍କ ସଂକ୍ରମଣ ପାଇଁ ଅନୁକୂଳ ଅଟେ ।

## ପାଣିପାଗ ଭିତ୍ତିକ କୃଷି  ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ସକ୍ରିୟ ପିଲ ଅବସ୍ଥା | • ଧାନ କ୍ଷେତରେ କାଣ୍ଡବିନ୍ଧା ଓ ପତ୍ର ମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ ପାଇଁ ପ୍ରତି ଏକର ଧାନ କ୍ଷେତରେ ୩ ଟି ଫେରୋମୋନ ଫାଶ/ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପୋକ/ଫାଶ/ଯନ୍ତା ଙ୍କ ସଂଖ୍ୟା ୪ କିମ୍ବା ୫ ପର୍ଯ୍ୟନ୍ତ ପହଞ୍ଚିଯିବ, ସେତେବେଳେ ଏକର ପିଛା ଆଜାଡିରାକ୍ଟିନ୍ ୦.୧୫% ଇ.ସି. @ ୮୦୦ ମିଲି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆର. @ ୪ କିଲୋଗ୍ରାମକୁ ବାଲି ସହିତ ୧:୧ ଅନୁପାତରେ ମିଶ୍ରଣ କରନ୍ତୁ କିମ୍ବା ୬୦ ମିଲି କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍.ସି. କିମ୍ବା ୧୦ କିଲୋଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦୦ - ୧୨୦ ମିଲି ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. @ ୫୦ ଗ୍ରାମ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ବିଜାଣୁ ଜନିତ ପତ୍ର ପୋଡ଼ା  କିମ୍ବା ପତ୍ରାଗାର ରୋଗର ଲକ୍ଷଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ହେତୁ ୧ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ସହିତ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ କୁ ପ୍ରତି ଲିଟର ପାଣିରେ ମିଶାଇ ଖେତରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । |
| ମକା | ଅଂଗିୟ ଅବସ୍ଥା | • ପ୍ରଚଳିତ ପାଣିପାଗରେ କିଛି ମକା କ୍ଷେତରେ କାଣ୍ଡବିନ୍ଧା ଓ ଫଲ ଆର୍ମି ୱର୍ମ ପୋକର ଆକ୍ରମଣ ଦେଖାଗଲାଣି, ତେଣୁ ଚାଷୀମାନଙ୍କୁ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ % ଏସ୍.ଜି. @ ୦.୪  ଗ୍ରାମ ପ୍ରତି ଲିଟର ପାଣିରେ ଭଲ ଭାବରେ ମିଶାଇ ସିଞ୍ଚନ କରନ୍ତୁ  ।<br>• ଚାଷୀଭାଇମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଅଛି କାରଣ ଆସନ୍ତା ସପ୍ତାହରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଦେଖାଦେଇପାରେ । |
| ଆମ୍ବ | ଅଂଗିୟ ଅବସ୍ଥା (ନୂଆଁ ବଗିଚା) | • ଚାଷୀଭାଇମାନଙ୍କୁ ବଗିଚାରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି ।<br>• ଆମ୍ବ ବଗିଚାରେ ରୋଗ ପୋକମାନଙ୍କ ଆକ୍ରମଣ ବିରୁଦ୍ଧରେ ଗଛର ନିୟମିତ ନିରୀକ୍ଷଣ କରନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ, କିଛି ନୂତନ ଭାବରେ ଲଗାଯାଇଥିବା ଆମ୍ବ ଗଛରେ ପତ୍ର ଖାଉଥିବା ପୋକର ଆକ୍ରମଣ ଦେଖିବାକୁ ମିଳୁଛି, ତେଣୁ ଚାଷୀଭାଇମାନଙ୍କୁ ପାଗ ସଫା ଥିବା ସମୟରେ ପ୍ରତି ଲିଟର ପିଛା ୩ ମିଲି ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୨ ମିଲି କ୍ୱିନାଲଫସ୍ ୨୫ ଇସି କୁ ଶୁଷ୍କ ପାଗକୁ ଦେଖି ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଲଙ୍କା | ଅଂଗିୟ ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଲଙ୍କା ଗଛରେ ବିଭିନ୍ନ ପ୍ରକାର ଶୋଷକ କୀଟ ଯେପରିକି ଜଉ ପୋକ, ଉକୁଣୀଆ ପୋକ ଇତ୍ୟାଦିର ସଂକ୍ରମଣ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଅଛି । ଯଦି ପୋକର ପ୍ରାଦୁର୍ଭାବ ଦେଖାଗଲାଣି ତେବେ ଏହାର ନିୟନ୍ତ୍ରଣ ହେତୁ ପ୍ରତି ଲିଟର ପାଣିରେ ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ. @ ୦.୩ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୩ ମିଲିକୁ ପାଗ ସଫା ଥିବା ସମୟରେ ସିଞ୍ଚନ କରନ୍ତୁ  । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ବର୍ଷା ଛାଡ଼ିଲା ପରେ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ତେଣୁ ଗୁହାଳକୁ ସୁଖା ଓ ସଫା ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ । ଥନହରା ରୋଗର ଆକ୍ରମଣ ବିରୁଦ୍ଧରେ ଚାଷୀମାନଙ୍କୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।